## ଆଜି କ'ଣ କେଉଁଠି

ଭଦ୍ରକ

- ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ଭଦ୍ରକ ପୌରପରିଷଦ ଅଫିସ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକ କୋର୍ଟ ପରିସର, ସମୟ: ସକାଳ ୭ଟା।

## ସଂକ୍ଷେପରେ

### ବିଶ୍ୱ ଜଳ ଦିବସ ସଚେତନତା ଦ୍ୱାରା ରୋକିହେବ ଅପଚୟ

**ଭଦ୍ରକ ଅଫିସ, ୨୫।୭:** ଜଳ ହିଁ ଜୀବନ। ସମଗ୍ର ସୃଷ୍ଟିର ମୂଳ ଆଧାର ଜଳ। ଏହା ବିନା ବିଶ୍ୱରେ ଜୀବସତ୍ତା ତିଷ୍ଠିବା ଅସମ୍ଭବ। ପ୍ରତ୍ୟେକ ବ୍ୟକ୍ତି ଜଳ ସଞ୍ଚୟ ଓ ଏହାର ସଦୁପଯୋଗ କରିବା ଆବଶ୍ୟକ। ସଚେତନତା ଦ୍ୱାରା ଜଳ ଅପଚୟ ରୋକାଯାଇପାରିବ ବୋଲି ବରପଦାସ୍ଥିତ ବିଆଇଇଟି(ବରପଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଟେକ୍ନୋଲୋଜି) ପରିସରରେ ବିଶ୍ୱ ଜଳ ଦିବସ ପାଳନ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଅଧକ୍ଷ ପ୍ରଫେସର ଡ. ମୋହନ ଚରଣ ପଣ୍ଡା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ବିଏର ଅଧକ୍ଷ ଡ. ପ୍ରସନ୍ନ କୁମାର ଜେନା, ବିଏସ୍‌ଇଟି ଅଧକ୍ଷ ଇଂ. ଗଙ୍ଗାଧର ଧଳ, ଡିନ୍ ଏକାଡେମୀର ଡ. ଜୀବନାନନ୍ଦ ଜେନା, ସିଭିଲ୍‌ର ପ୍ରଫେସର ସକିଲ ଜୁମା ଖାଁ, ଆଇଟିଆଇର ଇଞ୍ଜିନିୟର ସଞ୍ଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜଳ ଅପଚୟ ରୋକିବା ଉପରେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ସିଭିଲ୍‌ର ବିଭାଗୀୟ ମୁଖ୍ୟ ଇଂ.ଅନିଲ କୁମାର ଦୀକ୍ଷିତ୍ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ ପରାମର୍ଶ ଶିବିର

**ଚାନ୍ଦବାଲି, ୨୫।୭ (ଡି.ଏନ.ଏ.):** ଜୀବିକା ମିଶନ ପକ୍ଷରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୮ ପଞ୍ଚାୟତ ଓ ଏନ୍‌ଏସିର ୧୫ ୱାର୍ଡରୁ ୭୫୦ରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଓ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରି ପରାମର୍ଶ ଗ୍ରହଣ କରିଥିଲେ। ଶିବିରରେ ରାଜ୍ୟରୁ ୧୫ଟି କର୍ମନିଯୁକ୍ତି ସଂସ୍ଥା ପକ୍ଷରୁ ଷ୍ଟଲ୍ ଖୋଲାଯାଇ ନାମ ପଞ୍ଜୀକରଣ କରାଯାଇଥିଲା। ଭଦ୍ରକ ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ବିଡିଓ ଶ୍ୟାମସୁନ୍ଦର ଟୁଡୁ, ଡିପିଏମ୍ ସଞ୍ଜୟ ବାରିକ, ଜିଲା ଦକ୍ଷତା ସଂଯୋଜକ ପ୍ରିୟଦର୍ଶନ ଜେନା, ଅରୂପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରାଜ୍ୟର ବେକାର ସମସ୍ୟା ଦୂର କ୍ଷେତ୍ରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିପିଏମ୍ ଷ୍ଟାଲିନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ଉଠାଜଳସେଚନ ପଏଣ୍ଟ

**ବାସୁଦେବପୁର, ୨୫।୭ (ଡି.ଏନ.ଏ.)**



ବାସୁଦେବପୁରରେ ଥିବା ଏକ ଉଠାଜଳସେଚନ ପଏଣ୍ଟ।

- **ଚାଷୀଙ୍କ ପାଇଁ ବୋଝ ବିଦ୍ୟୁତ୍ ବିଲ୍**
- **ପୋତି ହୋଇପଡ଼ିଛି କେନାଲ**
- **ଚାଷଜମିକୁ ମାଡ଼ିପାରୁନି ପାଣି**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏକ କୃଷିପ୍ରଧାନ ଅଞ୍ଚଳ। ଚଳିତ ଖରିଫ ଋତୁରେ ଚାଷକାର୍ଯ୍ୟ ପ୍ରାରମ୍ଭ ତଳି ପକାଇବାଠାରୁ ଆରମ୍ଭ କରି ଅଦ୍ୟାବଧି ଶ୍ରାବଣର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଆବଶ୍ୟକ ବର୍ଷା ହୋଇ ନ ଥିବାରୁ ମରୁଡ଼ି ଆଶଙ୍କା ଦେଖାଦେଇଛି। ବ୍ଲକର ମୋଟ ୩୪, ୪୦୦ ହେକ୍ଟର ଚାଷଜମି ମଧ୍ୟରୁ ୩୨ ହଜାର ହେକ୍ଟର ଜମିରେ ଧାନଚାଷ ପାଇଁ ଖରିଫଋତୁରେ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଅଦ୍ୟାବଧି ମାତ୍ର ୩୫ ଶହ ହେକ୍ଟର ଜମିରେ ପ୍ରାରମ୍ଭିକ ଚାଷ ହୋଇଛି। ଏହି ଖରିଫ ଋତୁରେ ଖରିଡି, ଆତରା, ଚବକା ଉପାୟରେ ୨୭୨୪ ହେକ୍ଟର ଜମିରେ ତଳି ପଡ଼ିଥିବାବେଳେ ୧୨ ହେକ୍ଟର ଜମିରେ ତଳି ନଷ୍ଟ ହୋଇଗଲାଣି। ଏଠାରେ ମାତ୍ର ୧୬ ହଜାର ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ଥିବାବେଳେ କେନାଲଗୁଡ଼ିକ ପୋତି ହୋଇପଡ଼ିଛି। ମରାମତି ହେଉ ନ ଥିବାରୁ କେନାଲ ପାଣି ଚାଷୀଙ୍କ ଜମିକୁ ମାଡ଼ିପାରୁ ନାହିଁ।

ପ୍ରକାଶ ଯେ, ବାସୁଦେବପୁର ଅଞ୍ଚଳର ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ଇରମ ଓ ବାସୁଦେବପୁର କ୍ଲଷ୍ଟରରେ ମୋଟ ୨୦୮ଟି ଉଠାଜଳସେଚନ ପଏଣ୍ଟ ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ୧୭୫ଟି କାର୍ଯ୍ୟକ୍ଷମ ଅଛି। ୨୯ ଉଠାଜଳସେଚନ ପଏଣ୍ଟ ସ୍ଥାୟୀ ଭାବେ ଅଚଳ ଥିବାବେଳେ ୪ଟି ଅସ୍ଥାୟୀ ଭାବେ ଅଚଳ ଥିବା ଜଣାପଡ଼ିଛି। ଗୋଟିଏ ପଏଣ୍ଟର ପ୍ରାୟ ୨୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମି ଜଳସେଚିତ କରିବାର ଦକ୍ଷତା ରହିଛି। ଏହି ସଚଳ ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ କ୍ଷେତ୍ରରେ ବିଦ୍ୟୁତ୍ ବିଲ୍ ଚାଷୀଙ୍କ ପାଇଁ ବୋଝ ସାଜୁଛି। ୮୦ରୁ ଉର୍ଦ୍ଧ୍ୱ ପଏଣ୍ଟରେ ବିଦ୍ୟୁତ୍ ମିଟର ଲାଗିଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ପଏଣ୍ଟରେ ବିଭାଗ ପକ୍ଷରୁ ମିଟର ଲଗାଯାଇ ନାହିଁ। ଫଳରେ ଏହି ପଏଣ୍ଟରେ ଅଧିକ ବିଲ୍ ଚାଷୀଙ୍କ ଉପରେ ବିଦ୍ୟୁତ୍ ବିଭାଗ ଲଗାଉଥିବାରୁ ପଏଣ୍ଟ ଖୋଲିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଉଠାଜଳସେଚନ ସହକାରୀ ଯନ୍ତ୍ରୀ ଭୀମସେନ ମଲ୍ଲିକ କହିଛନ୍ତି। ସମସ୍ତ ସଚଳ ଉଠାଜଳସେଚନ ପଏଣ୍ଟକୁ ଗ୍ରାମର ପାଣିପଞ୍ଚାୟତ କମିଟିକୁ ହସ୍ତାନ୍ତର କରାଯାଇଛି ବୋଲି ସେ ଜଣାଇଛନ୍ତି। ଅନ୍ୟ କେତେକ ପଏଣ୍ଟରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାରୁ ଚାଷୀମାନେ ଏହାର ସୁଫଳ ପାଇପାରୁନାହାନ୍ତି। ସେହିପରି ଇରମର ୮ଟି ପଞ୍ଜୀକୃତ ୫ ଜଣିଆ ଚାଷୀ କମିଟିକୁ ନେଇ ୪୧ଟି ସାଲୋ ନଳକୂପ ବସାଯାଇଛି। ରାଜ୍ୟ ସରକାର ୯୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରିଥିବା ବେଳେ ଚାଷୀଙ୍କ ପକ୍ଷରୁ ୧୦ ପ୍ରତିଶତ ବ୍ୟକ୍ତିଗତ ସହାୟତା କ୍ରମେ ଏହି ଗଭୀର ନଳକୂପ ବାସୁଦେବପୁରରେ କାର୍ଯ୍ୟକ୍ଷମ ଅଛି। ସେହିପରି ଏହି ଯୋଜନାରେ ଆଉ ୧୬ଟି ସାଲୋ ନଳକୂପ ଖନନ ପ୍ରକ୍ରିୟା ଚାଲିଥିବା ଇରମ କ୍ଲଷ୍ଟର ଉଠାଜଳସେଚନ ଯନ୍ତ୍ରୀ ସତ୍ୟଚରଣ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ଚଳିତବର୍ଷ ନିଅଣ୍ଟିଆ ବର୍ଷା ମରୁଡ଼ି ପରିସ୍ଥିତି ସୃଷ୍ଟି କରିଛି। ତୁରନ୍ତ ସଚଳ ଥିବା ୧୭୫ ଉଠାଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ ଦେଇ କାର୍ଯ୍ୟକ୍ଷମ କରାଯାଇପାରିଲେ ଚାଷଜମିକୁ ପାଣି ମଡ଼ାଯାଇ ପାରନ୍ତା ଓ ଚାଷକାର୍ଯ୍ୟ ତ୍ୱରାନ୍ୱିତ ହୋଇପାରନ୍ତା ବୋଲି କେତେକ ଚାଷୀ ମତପ୍ରକାଶ କରିଛନ୍ତି।

# ଟିଲୋ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

**ବନ୍ତ, ୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ କମିଟି ପକ୍ଷରୁ ଶିକ୍ଷା ବିଭାଗ କମିଶନର, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଦୁଇଦିନ ତଳେ ଉକ୍ତ ବିଦ୍ୟାଳୟ ମିଶ୍ରଣ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ଆସିବା ପରେ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ଉଲ୍ଲେଖନୀୟ ଯେ, ୧୯୧୦ ମସିହାରେ ଭଦ୍ରକ-ଆନନ୍ଦପୁର ରାସ୍ତାପାର୍ଶ୍ୱ ଟିଲୋ ଛକଠାରେ ଏହି ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଉକ୍ତ ବିଦ୍ୟାଳୟଠାରୁ ୧୦୦ ମିଟର ଦୂରରେ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ସେହିପରି ମଇ ବିଦ୍ୟାଳୟ ପରିସରରେ ୧୯୭୮ ମସିହାରେ ହାଇସ୍କୁଲ ସ୍ଥାପନ ହେଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ ପରିସରରେ ଥିବା ପ୍ରାଥମିକ, ମଇ ବିଦ୍ୟାଳୟକୁ ହାଇସ୍କୁଲ ସହିତ ମିଶ୍ରଣ କରିବା ନେଇ ଗତବର୍ଷ ନିର୍ଦ୍ଦେଶ ହୋଇଥିଲା। ଏପରିସ୍ଥଳେ ଏଠାରେ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ପରିସରର ବ୍ୟବଧାନ ୧୦୦ ମିଟର ହୋଇଥିବାବେଳେ ମଝିରେ ଟିଲୋ ମାଳିସାହିକୁ ଗ୍ରାମ୍ୟରାସ୍ତା ଯାଇଥିବା ସହ କେତେକ ବ୍ୟକ୍ତିଗତ ଲୋକଙ୍କ ବାସସ୍ଥାନ ରହିଛି। ସମ୍ପୃକ୍ତ କ୍ଲଷ୍ଟରର ସିଆର୍‌ସିସି କମିଟିର ଅଗୋଚରରେ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ନେଇ ବିଇଓଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିଦେଇଥିଲେ। ଗତବର୍ଷଠାରୁ ଏହି ମିଶ୍ରଣକୁ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ମିଶ୍ରଣ କାର୍ଯ୍ୟ ସ୍ଥଗିତ ରହିଥିଲା। ଦୁଇଦିନ ତଳେ ପୁଣି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଶ୍ରଣ ନେଇ ଚିଠି ଆସିବା ପରେ କମିଟି ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ରଙ୍କୁ ପଚାରିବାରୁ କମିଶନରଙ୍କଠାରୁ ଚିଠି ଆସିବା ପରେ ଏହା କାର୍ଯ୍ୟକାରୀ କରାଯାଉଛି ବୋଲି କହିଛନ୍ତି।



ଟିଲୋ ପ୍ରାଥମିକ ବିଦ୍ୟାଳୟ।

# ୧୭ ଦିନରେ ମୋଦି ସେନାର ଅନଶନ



ଧାରଣାରେ ବସିଥିବା ମୋଦି ସେନା ସେବା ସଂଘ କର୍ମକର୍ତ୍ତା।

**ଚାନ୍ଦବାଲି, ୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲିର କେତେକ ସମସ୍ୟାର ସମାଧାନ ପାଇଁ ୫ଟି ଦାବି ନେଇ ମୋଦି ସେନା ସେବା ସଂଘ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଅନଶନ ଗୁରୁବାର ୧୭ ଦିନରେ ପହଞ୍ଚିଥିଲା। ସେମାନଙ୍କ ଦାବି ପ୍ରତି ଜିଲା ପ୍ରଶାସନ ଅଣଦେଖା କରୁଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଦୁଇଟି ସମସ୍ୟାର ସମାଧାନ ଦିଗରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ବିଡିଓ, କୃଷି ଅଧିକାରୀ, ଜୀବିକା ମିଶନ, ଏନ୍‌ଏସି ନିର୍ବାହୀ ଅଧିକାରୀ ମିଳିତ ଭାବେ ବୈଠକ କରି ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ମହିଳା ସଂଘକୁ ଆସୁଥିବା ଅର୍ଥ ଆଦିର ସଦୁପଯୋଗ ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି।

## ମୁଖ୍ୟ ଦାବି ଉପେକ୍ଷିତ

କିନ୍ତୁ ସେମାନଙ୍କ ମୁଖ୍ୟ ୩ଟି ଦାବି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିକାର, ବୈତରଣୀ ସେତୁର ପୁନରୁଦ୍ଧାର ଓ ଧାମରା ବନ୍ଦରରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ସମ୍ପର୍କରେ କେହି ମୁହଁ ଖୋଲୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଆନ୍ଦୋଳନକାରୀଙ୍କ ସହିତ ବିଭିନ୍ନ ସମୟରେ ହେଉଥିବା ବୈଠକରେ ମୁଖ୍ୟ ୩ଟି ସମସ୍ୟାର ସମାଧାନ କ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଅକ୍ଷମତା ପ୍ରକାଶ କରିଛି। ଏହି ଦାବି ଯୁକ୍ତିଯୁକ୍ତ ଥିବାବେଳେ ଦୀର୍ଘଦିନର ଆନ୍ଦୋଳନ ସତ୍ତ୍ୱେ ସମାଧାନର ରାସ୍ତା ନ ଫିଟିବା ନେଇ ନାନା ଆଲୋଚନା ହେଉଛି। ସବୁଥିରୁ ନିରାଶ ହେବା ପରେ ମୁଖ୍ୟ ଦାବି ପୂରଣ ପାଇଁ ସେନା ପକ୍ଷରୁ ଗୁରୁବାରଠାରୁ ଆମରଣ ଅନଶନର ନିଷ୍ପତ୍ତି ନିଆଯାଇଛି। ବିଶ୍ୱ କେଶରୀ ମହାନ୍ତି, ଅଭିମନ୍ୟୁ ଦାସ ଅଧିକାରୀ, ମିନତି ଧଳ ଓ ମିନାକ୍ଷୀ ସାହୁ ପ୍ରମୁଖ ଆମରଣ ଅନଶନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ହେବା ପୋଲିସ ଓ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି।

## କୃଷକନେତା ଖଗେଶ୍ୱରଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଭଣ୍ଡାରିପୋଖରୀ, ୨୫।୭ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ପାହିମହୁରା ଠାରେ କୃଷକନେତା ଭାବେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆନ୍ଦୋଳନ ଚଳାଇ ଅକାଳରେ ମୃତ୍ୟୁବରଣ କରିଥିବା ଖଗେଶ୍ୱର ସାହୁଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଡା. ଗୋକୁଳାନନ୍ଦ ଦାଶଙ୍କ ଅଧକ୍ଷତାରେ ପ୍ରତିମୂର୍ତ୍ତି ଅନାବରଣ ସହ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭାଜପାର ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ପାହିମହୁରାଠାରେ ଧରଣୀ ସୁଗାର ପାଇଁ ଚାଷଜମି ହରାଇଥିବା ପରିବାରର ଆର୍ଥିକ ଉନ୍ନତି ଘଟିଲେ କୃଷକ ନେତା ଖଗେଶ୍ୱରଙ୍କ ଆତ୍ମା ଶାନ୍ତି ପାଇବ ବୋଲି ମତବ୍ୟକ୍ତ କରିଥିଲେ। ଚିନିଶିଳ୍ପ ପ୍ରତିଷ୍ଠା ସକାଶେ ଅଧିଗୃହୀତ ଜମିରେ ପଲିମର ପାର୍କ ପ୍ରତିଷ୍ଠା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ସାକାର ହେବାକୁ ଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧକ୍ଷ ସତ୍ୟବ୍ରତ ଦାସ, ସରପଞ୍ଚ କମଳ କୁମାର ନନ୍ଦ, ସମବାୟ ସମିତି ସଭାପତି ବିଜୟ ଖିଲାର, ସମିତି ସଦସ୍ୟା ସସ୍ମିତା ବାରିକ, ଭାଗୀରଥି ମହାକୁଡ, ସୁବାସ ପାତ୍ର, ଜୟସ୍ମିତା ଗୋଚ୍ଛାୟତ, ରବୀନ୍ଦ୍ର ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ ହରିହର ନନ୍ଦ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ।

# ପ୍ରତିଷ୍ଠା ଦିବସରେ ଭାରତୀୟ ମଜଦୁର ସଂଘର ବିକ୍ଷୋଭ

**ଭଦ୍ରକ ଅଫିସ, ୨୫।୭**

ଭାରତୀୟ ମଜ୍‌ଦୁର ସଂଘର ୬୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବାଲଗୋପାଳ ମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ଜିଲା ସଭାପତି ମନୋଜ ବସନ୍ତରାୟ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ବିଏମ୍‌ଏସ୍‌ର ରାଜ୍ୟ ଉପ ସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର ଯୋଗଦେଇ ଜିଲାରେ ଅଣସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା, ପଞ୍ଜୀକରଣ ଓ ଚୟନ କ୍ଷେତ୍ରରେ ଶ୍ରମିକ ସଂଘକୁ ଅଗ୍ରାଧିକାର ପ୍ରଦାନ, ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କ୍ଷେତ୍ରରେ ସର୍ବୋଚ୍ଚ ସମୟସୀମା ୯୦ ଦିନ ଧାର୍ଯ୍ୟ କରାଯିବା, ଜିଲା ଶ୍ରମ ବିଭାଗରେ ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ, ସହରୀକରଣକୁ ଦୃଷ୍ଟିରେ ରଖି ଜିଲାରେ ଥିବା ଟ୍ୟାକ୍ସି ଓ ଅଟୋଗୁଡ଼ିକ ପାଇଁ ସ୍ୱତନ୍ତ୍ର ସ୍ଥାୟୀ ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରାଯିବା ଆଦି ଦାବି ଉପରେ ଆଲୋକପାତ କରିଥିଲେ। ପରେ ଭାରତୀୟ ମଜ୍‌ଦୁର ସଂଘ ସଂଲଗ୍ନ ବିଶ୍ୱକର୍ମା ମଜ୍‌ଦୁର ସଂଘ, ରାଜ୍ୟ ଆଶାକର୍ମୀ, ଭଦ୍ରକ ଟ୍ୟାକ୍ସି ଚାଳକ, ଧାମରା ବନ୍ଦର କର୍ମଚାରୀ, ଭଦ୍ରକ ବ୍ୟବସାୟୀ ମହାସଂଘ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ, ଭଦ୍ରକ ଅଟୋ ଚାଳକ ମହାସଂଘର କର୍ମକର୍ତ୍ତା, ସଦସ୍ୟ ସମ୍ପାଦକ ମୁକ୍ତିକାନ୍ତ ସାହୁଙ୍କ ନେତୃତ୍ୱରେ ବାଲଗୋପାଳ ମନ୍ଦିରରୁ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିବା ବେଳେ ସଙ୍ଗଠନ ସମ୍ପାଦକ ପରେଶ ନାଥ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ଲଗାଇ ସଚେତନ କଲେ

**ଧାମନଗର, ୨୫।୭ (ଡି.ଏନ.ଏ.)**

ଧାମନଗର ବ୍ଲକ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଦକ୍ଷିଣବାଡ଼ ଗୌଡବିଶି ନୂଆପଡ଼ା ନିକଟସ୍ଥ ସରକାରୀ ଜମିରେ ଚାରାରୋପଣ କରାଯାଇଛି। ବି.କେ. ଅନୁପମାଙ୍କ ମୁଖ୍ୟ ପରିଚାଳନାରେ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ଥାନା ଆଇଆଇସି ମାନସ କୁମାର ଦେଓ ଚାରାରୋପଣର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ରମେଶ ଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷକ ଶାନ୍ତନୁ ରାଉତ, ସାହିତ୍ୟିକ ସଚ୍ଚିକାନ୍ତ ପଣ୍ଡା, ରାମଚନ୍ଦ୍ର ସାହୁ, ଶିକ୍ଷାବିତ୍ ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ସାମାଜିକ କର୍ମୀ କୈଳାସ ମହାପାତ୍ର, ଆଡଭୋକେଟ ବିଜୟ ରାମ, ଧାମନଗର ପ୍ରେସ୍ କ୍ଲବ ସଭାପତି କୈଳାସ ଗୁପ୍ତା, ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ୬୫ଟି ଚାରାରୋପଣ କରିଥିଲେ। ଏଥିସହ ବୃକ୍ଷରୋପଣର ଆବଶ୍ୟକତା ନେଇ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ଜାରି ରହି ଶତାଧିକ ଚାରାରୋପଣ ସହ ଏହାକୁ ବଞ୍ଚାଇବାକୁ ଉଦ୍ୟମ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଧାମନଗର ପ୍ରଜାପିତା କେନ୍ଦ୍ରର ଜୟନ୍ତୀ ଜେନା, ଶ୍ୱେତଲତା ବାରିକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପର୍ଶୁରାମ ନାୟକ, ସୁରେଶ ଭୂୟାଁ, ଭାଗବତ ବେହେରା ଓ ପ୍ରଫୁଲ୍ଲ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଚ୍ଚିକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଦକ୍ଷିଣବାଡ଼ଠାରେ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

# ୨ ବାଇକ୍ ସହ ମଦ ଜବତ, ୩ ଗିରଫ

**ଭଦ୍ରକ ଅଫିସ, ୨୫।୭**

ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ଧନେଶ୍ୱର ବରାଡଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଏରଡ଼ା ଓ ସାବରଙ୍ଗ ଛକଠାରେ ଗାଡ଼ି ଯାଞ୍ଚ କରି ୨ଟି ବାଇକ୍ ସହ ୮୦ ଲିଟର ଦେଶୀମଦ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମିର୍ଜାପୁରର ଗୋପବନ୍ଧୁ ବେହେରା, ବାଲେଶ୍ୱର ଜିଲା ସିମୁଳିଆ ମଇତାପୁରର ମନୋରଞ୍ଜନ ସେଠୀ ଓ ହରିଶ୍ଚନ୍ଦ୍ର ଦାଶ। ଉପନିରୀକ୍ଷକ ସ୍ପନ୍ଦନ ମହାନ୍ତି ଓ ଭବେଶ ଦାସ, ପ୍ରଦୀପ ମଲ୍ଲିକ, ପରେଶ ଟୁଡୁ ଓ ମୁରଲୀ ପ୍ରଧାନ ଚଢ଼ାଉରେ ସାମିଲ ଥିଲେ।

# ୪ ମାସ ଧରି ଅନ୍ଧାରରେ ଆଦିବାସୀ ସାହି ଲୋକେ

**ବନ୍ତ, ୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ଆଦିବାସୀ ସାହିର ଲୋକେ ଗତ ୪ ମାସ ଧରି ଅନ୍ଧାରରେ ରହୁଛନ୍ତି। ଏହି ସାହିକୁ ବିଦ୍ୟୁତ୍ ସଂଯୋଗ ପାଇଁ ବସାଯାଇଥିବା ଟ୍ରାନ୍ସଫର୍ମର ପୋଡ଼ି ଯାଇଛି। ଏହାକୁ ମରାମତି ପାଇଁ ସେମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।



ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର।

ଏହି ସାହିରେ ୨୦ ପରିବାର ବସବାସ କରୁଛନ୍ତି। ସାହିରେ ଆଲୋକୀକରଣ ବ୍ୟବସ୍ଥା କରାଯାଇ ବିପିଏଲ୍ ଯୋଜନାରେ ୧୬ କେଭି ଟ୍ରାନ୍ସଫର୍ମର ବସାଯାଇଥିଲା। କିଛିବର୍ଷ ମଧ୍ୟରେ ଟ୍ରାନ୍ସଫର୍ମର ଦୁଇଥର ପୋଡ଼ିଯିବାରୁ ତାହାକୁ ପରିବର୍ତ୍ତନ କରାଯାଇଥିଲା। ସେବେଠାରୁ ଲୋକେ ବିଜୁଳି ବ୍ୟବହାର କରିଆସୁଥିଲେ। ୪ ମାସ ତଳେ ଉକ୍ତ ଟ୍ରାନ୍ସଫର୍ମର ପୋଡ଼ିଯାଇଛି। ଏବେ ଶ୍ରାବଣ ମାସରେ ମଧ୍ୟ ଉହଡହ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଲାଗି ରହିଛି। ବିଦ୍ୟୁତ୍ ନ ଥିବାରୁ ଲୋକେ ଅନ୍ଧାରରେ ରହିବା ସହ ଗରମରେ ହନ୍ତସନ୍ତ ହେଉଛନ୍ତି। ଦିନ ବେଳା ପ୍ରବଳ ଗରମ ସହ୍ୟ କରି ନ ପାରି ସାହି ଲୋକେ ଗଛ ମୂଳେ ଆଶ୍ରୟ ନେଉଥିବାର ଦେଖାଯାଇଛି। ସେହିପରି ଏହି ସାହିରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ବିଜୁଳି ନ ଥିବା ଯୋଗୁ ଛାତ୍ରୀଛାତ୍ର ଗରମରେ ସିଝୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଅନୁସୂଚିତ ଜନଜାତି ଲୋକଙ୍କ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି। ବାସ୍ତବ କ୍ଷେତ୍ରରେ ତାହା କେତେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ରାଜନେତା କିମ୍ବା ପ୍ରଶାସନ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ନିର୍ବାଚନ ବେଳେ ଭୋଟ ପାଇଁ ସେମାନଙ୍କ ପାଖକୁ ଆସୁଛନ୍ତି ବୋଲି ଏହି ସାହିର ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନ୍ତ ସ୍ଥିତ ନେସ୍କୋ କନିଷ୍ଠ ପରିଚାଳକ ଭବାନୀ ଶଙ୍କର ରାୟଙ୍କୁ ପଚାରିବାରୁ ଉପଭୋକ୍ତାମାନେ ବକେୟା ଦେୟ ପୈଠ କଲେ ଟ୍ରାନ୍ସଫର୍ମର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ବିଜୟ ଘୋଷଣା ପରେ ବି ସୀମାରେ ଉତ୍ତେଜନା କମି ନ ଥିଲା

## ଆଜି କାର୍ଗିଲ ବିଜୟ ଦିବସ



ଚାକିରି କାଳରେ ବିଭିନ୍ନ ସ୍ଥାନରୁ ମିଳିଥିବା ପଦକ ସହ ଗୋପାଳ ସାହୁ (ଫାଇଲ ଫଟୋ)।

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୫।୭**

୧ମାସର ଘମାଘୋଟ ଲଢ଼େଇ ପରେ ଜୁଲାଇ ୨୬ତାରିଖକୁ ବିଜୟ ଦିବସ ଘୋଷଣା ସରିଥାଏ। ହେଲେ ସୀମାରୁ ଉତ୍ତେଜନା ହ୍ରାସ ପାଇ ନ ଥାଏ। ସେତେବେଳେ ଉରି ସେକ୍ଟରରେ ୱେୟାରଲେସ୍ ଅପରେଟର ଭାବେ କାର୍ଯ୍ୟ କରୁଥିଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ଯୋଡାଗଡ଼ିଆ ଗ୍ରାମର ଗୋପାଳଚନ୍ଦ୍ର ସାହୁ। ସେଦିନ ଥିଲା ୧୯୯୯ ଜୁଲାଇ ୩୧ତାରିଖ। ସମୟ ମଧ୍ୟାହ୍ନ ୧୨ଟା। ସୈନ୍ୟବାହିନୀର ଏକ ଭ୍ୟାନରେ ରାଷ୍ଟ୍ରୀୟ ରାଇଫଲର ଅନ୍ୟ ୬ଜଣଙ୍କ ସହ ସାହୁ ସଡ଼କ ପଥରେ ଡ୍ୟୁଟି ପାଇଁ ଯାଉଥାନ୍ତି। ପାହାଡ ତଳେ ତାଙ୍କ ଭ୍ୟାନ ଚାଲୁଥିବା ବେଳେ ଉପରୁ ଅନୁପ୍ରବେଶକାରୀ ଓ ଆତଙ୍କବାଦୀଙ୍କ ଆକ୍ରମଣର ଭୟ ରହିଥାଏ। ହଠାତ୍ ଉପରୁ ବୋମା ନିକ୍ଷେପ କଥା ଡ୍ରାଇଭର ଜାଣିପାରିଲେ। ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇବା ପାଇଁ ଅନ୍ୟୂନ ୧୦ମିଟର ଦୂରରୁ ଡ୍ରାଇଭର ରାସ୍ତାକଡକୁ ହଠାତ୍ ଗାଡି ବୁଲାଇ ଦେଇଥିଲେ। ଫଳରେ ଗାଡିଟି ଏକ ଗଛକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସାହୁଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ। ତାଙ୍କର ଡାହାଣ ଗୋଡ ଓ ମେରୁଦଣ୍ଡ ହାଡ ଭାଙ୍ଗି ଯାଇଥିଲା। ଶ୍ରୀନଗର ଆର୍ମି ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ୨ମାସ ଧରି ସେ ବେଡରେ ପଡିରହିଲେ। ସୁସ୍ଥ ହେଲେ ସତ ହେଲେ ଶତପ୍ରତିଶତ କାର୍ଯ୍ୟ କରିବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ତାଙ୍କ ବଦଳି କଲିକତାକୁ ହୋଇଥିଲା। ଆହୁରି କାର୍ଯ୍ୟ କରିବାକୁ ଆଗ୍ରହ ଥିଲେ ମଧ୍ୟ ୨୦୦୮ ସେପ୍ଟେମ୍ବର ୨୮ରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ଘରକୁ ଫେରି ଆସିଥିଲେ।

୨୦ବର୍ଷ ତଳର ଏଭଳି ରୋମାଞ୍ଚକ ଭରା କଥା ବଖାଣିଛନ୍ତି ଗୋପାଳ ସାହୁ। ସ୍ମୃତି ବଖାଣିବା ଅବସରରେ ସେ କ୍ଷତ ଚିହ୍ନଥିବା ସ୍ଥାନଗୁଡ଼ିକୁ ଦେଖାଇଥିଲେ। ଅବସର ପରେ ଏବେ ଆଗରପଡାର ସାହୁପଡା ପ୍ରକଳ୍ପ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଭାବେ ଜୀବିକା ନିର୍ବାହ କରୁଛନ୍ତି ସେ। କୁପାରୀ ସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିବା ପର୍ଯ୍ୟନ୍ତ ସେ ସେନାବାହିନୀରେ ଚାକିରି କରିବାକୁ ଲକ୍ଷ୍ୟ ରଖିଥିଲେ। ଯେତେବେଳେ ସାର୍‌ମାନେ ଜୀବନର ଲକ୍ଷ୍ୟ କ'ଣ ବୋଲି ତାଙ୍କୁ ପଚାରୁଥିଲେ ସେତେବେଳେ ସେ ଏହି ଉତ୍ତର ଦେଉଥିଲେ। ସାର୍‌ମାନେ ମଧ୍ୟ ତାଙ୍କୁ ଏଥିପାଇଁ ଉତ୍ସାହିତ କରୁଥିଲେ। ୧୯୯୧ ଡିସେମ୍ବର ୩୧ତାରିଖରେ ସେ ଟେକ୍ନିକାଲ ଟ୍ରେଡରେ ଯୋଗ ଦେଇଥିଲେ। ଜବଲପୁରରେ ଟ୍ରେନିଂ ପରେ ତାଙ୍କୁ ଗଙ୍ଗାନଗର, ବରେଲି, ନାଗାଲାଣ୍ଡ, ଜମ୍ମୁକଶ୍ମୀରର ଲଦାଖ ଅଞ୍ଚଳରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା। ସେନବାହିନୀ ଯୋଗଦେବା ଅର୍ଥ ଭାରତ ମା'ର ସେବା କରିବା। ତାକୁ କେହି ଚାକରି ବୋଲି ଭାବିବା କିମ୍ବା ଏଥିରେ ଆରାମ ଖୋଜିବା ଅନୁଚିତ। ସୈନ୍ୟବାହିନୀରେ ଚାକିରି ଏବଂ ବିଶେଷ କରି ଜମ୍ମୁକଶ୍ମୀରରେ ୨୦ ଡିଗ୍ରୀ ତାପମାତ୍ରାରେ ଯିଏ କାମ କରିଛି ତାର ନିଆରା ଅନୁଭୂତି ସ୍ୱତନ୍ତ୍ର ବୋଲି ଗୋପାଳ କହିଛନ୍ତି।

## ସଂକ୍ଷେପରେ

### ନିଆଁରେ ପୋଡ଼ି ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

**ବସ୍ତା, ୨୫।୭(ସ୍ୱ.ପ୍ର.):** ବସ୍ତା ବ୍ଲକ ବ୍ରାହ୍ମଣଦା ଗ୍ରାମର ସୁରେନ୍ଦ୍ର ବୁଗୁଡ଼ିଙ୍କ ସ୍ତ୍ରୀ ମୀନତି ପୋଡ଼ି ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୀନତି ଗତ ୧୭ତାରିଖରେ ରୋଷେଇ କରୁଥିବା ବେଳେ ଚୁଲିରୁ ନିଆଁ ଲାଗି ଅର୍ଦ୍ଧଦଗ୍ଧ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପରିବାର ଲୋକେ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ୮ଦିନ ଧରି ଚିକିତ୍ସାଧୀନ ଥିବା ବେଳେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ କଟକ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ତାଙ୍କର ଗୋଟିଏ ଛୋଟ ପୁଅ ଓ ଝିଅ ଅଛନ୍ତି।

### ଚୋରା ମଦବେପାରୀ ଗିରଫ

**ରୂପ୍‌ସା,୨୫।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ରେଞ୍ଜ ଅବକାରୀ ଉପନିରୀକ୍ଷକ ଅର୍ଜୁନ ମଲିକ ସଦଳବଳ ଚଢ଼ାଉ କରି ସଦର ବ୍ଲକ ସୁଲପଟା ଗ୍ରାମରୁ ଚୋରାମଦ ଜବତ କରିବା ସହ ମଦ ବ୍ୟବସାୟୀ ସୁଦାମ ନାୟକଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୪୦ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ ହୋଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୭୩/୨୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ ବ୍ୟବସାୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ।

### ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

**ବସ୍ତା, ୨୫।୭(ସ୍ୱ.ପ୍ର.):** ବସ୍ତା ଥାନା କିଆପଣିସି ଛକ ନିକଟରେ ଗତ ୯ ତାରିଖରେ ଏହି ଥାନା ଅନ୍ତର୍ଗତ ନଟାକଟା ପଞ୍ଚାୟତର ବଡ଼ଚରଣେଶ୍ୱରପୁର ଗ୍ରାମର ରମେଶ ଚନ୍ଦ୍ର ବେହେରା (୫୮) ସାଇକେଲ ଯୋଗେ ଯାଉଥିବାବେଳେ ତାଙ୍କୁ ଏକ ବୋଲେରୋ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଚିକିତ୍ସାଧୀନ ଥିବା ବେଳେ ବୁଧବାର ମଧରାତ୍ରରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

### ମେଗା ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ



**ରୂପ୍‌ସା, ୨୫।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପଣ୍ଡରୁଙ୍ଗୀ ଗ୍ରାମରେ ଗୁରୁବାର ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ଶିଳାନ୍ୟାସ ହୋଇଛି। ସରପଞ୍ଚ ଅନୀଲ କୁମାର ମହାପାତ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ସଞ୍ଜୟ କୁମାର ବେହେରା, ଚନ୍ଦନ କୁମାର ନାୟକ, ମନ୍ମଥ ପରିଡ଼ା, ପ୍ରିୟନାଥ ପରିଡ଼ା ଓ କୁଶ ଚରଣ ଧଳ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ନିର୍ମାଣରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପଞ୍ଚାୟତ ନିଜସ୍ୱ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ପଞ୍ଚାୟତ ଅନ୍ତର୍ଗତ ବଡ଼ା, ଗମ୍ଭାରିଆ, ଡିଗିରିଆ ଓ ପଣ୍ଡରୁଙ୍ଗୀ ଗ୍ରାମର ଜନସାଧାରଣଙ୍କୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ହେବ ବୋଲି ସରପଞ୍ଚ ମହାପାତ୍ର ପ୍ରକାଶ କରିଥିଲେ।

## ମରାମତି ହେଉନି ଟ୍ରାନ୍ସଫର୍ମର
# ଅନ୍ଧାରରେ ୨୦ ଉପଭୋକ୍ତା

**ରୂପ୍‌ସା, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ଲଛମନଖୁଣ୍ଟା ପୋଖରୀସାହିର ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ମାସେ ହେବ ପୋଡ଼ି ଯାଇଛି। ଏଯାବତ୍ ବିଭାଗ ପକ୍ଷରୁ ଉକ୍ତ ଟ୍ରାନ୍ସଫର୍ମର ସଜଡ଼ା ଯାଉ ନ ଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟ୍ରାନ୍ସଫର୍ମର ଅଧୀନରେ ୨୦ଜଣ ଉପଭୋକ୍ତା ମାସେ ଧରି ଅନ୍ଧାରରେ ରହିଛନ୍ତି। ଫଳରେ ପିଲାଙ୍କ ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେଉଛି। ବର୍ଷାଦିନରେ ସରୀସୃପ, ଜୀବଜନ୍ତୁଙ୍କ ଭୟ ୨୦ ପରିବାରର ଚିନ୍ତା ବଢ଼ାଇଛି। ଏହି ଟ୍ରାନ୍ସଫର୍ମରରୁ ବିପିଏଲ ଲାଇନ୍‌ରେ ଅଧିକାଂଶ ଆଦିବାସୀଙ୍କ ପରିବାରକୁ ସଂଯୋଗ ଦିଆଯାଇଥିଲା। ଜଣେ ଉପଭୋକ୍ତା ବେଆଇନ ଭାବେ ଏକ ୱେଲଡ଼ିଂ ମେଶିନ ପକାଇବାରୁ ଟ୍ରାନ୍ସଫର୍ମର ଓଭରଲୋଡ଼ିଂ ହୋଇ ପୋଡ଼ିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟ୍ରାନ୍ସଫର୍ମର ଅଧୀନରେ ଥିବା ଉପଭୋକ୍ତାଙ୍କ ବକେୟା ବିଲ୍ ୨୦ହଜାର ଟଙ୍କାରୁ ୧୫ହଜାର ଟଙ୍କା ମଧ୍ୟ ପୈଠ ହୋଇଛି। କିନ୍ତୁ ଟ୍ରାନ୍ସଫର୍ମର ସଜଡ଼ାଯାଉନାହିଁ। ଅନ୍ଧାରରେ ଥିବା ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଗରେ ତୁରନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଯିବାର ବନ୍ଦୋବସ୍ତ କରା ନ ଗଲେ ଆନ୍ଦୋଳନ ହେବ ବୋଲି ବସନ୍ତ ସିଂ, ହରିମୋହନ ସିଂ, କାର୍ତ୍ତିକ ସିଂ, ମକରୁ ସିଂ ଓ ରାମେଶ୍ୱର ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି। ଖୁବ୍‌ଶୀଘ୍ର ନୂତନ ଟ୍ରାନ୍ସଫର୍ମର ସ୍ଥାପନ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ରୂପ୍‌ସା ବିଦ୍ୟୁତ ସେକ୍ସନ ଜେନେରାଲ ମ୍ୟାନେଜର କେ.କେ. ଜେନା କହିଛନ୍ତି।

# ନିଆଁରେ ପୋଡ଼ି ହୋଇ ମା' ମୃତ, ଝିଅ ଗୁରୁତର

**ବସ୍ତା, ୨୫।୭(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ବଧିମୁହଁ ଗ୍ରାମରେ ବୁଧବାର ନିଆଁରେ ପୋଡ଼ି ହୋଇ ବସ୍ତା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ମା' ଓ ଝିଅଙ୍କ ମଧ୍ୟରୁ ଗୁରୁବାର ମା'ର ମୃତ୍ୟୁ ହୋଇଛି। ବୁଧବାର ରାତିରେ ଡିବିରି ଆଲୁଅରୁ ନିଆଁ ଲାଗି ଏହି ଗ୍ରାମର ହିକିମ୍ ମାରାଣ୍ଡିଙ୍କ ସ୍ତ୍ରୀ ଜାଉନା ମାରାଣ୍ଡି (୪୫) ଙ୍କ ସହ ତାଙ୍କର ୧୨ବର୍ଷର ଝିଅ ମୁଙ୍ଗୁଲି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜାଉନାଙ୍କ ମୃତ୍ୟୁ ହୋଇଥିବାବେଳେ ଝିଅ ଏବେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ଏନେଇ ବସ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ହାତିଆଗଣ୍ଡ ଅଙ୍ଗନୱାଡି କେନ୍ଦ୍ରରେ ତାଲା

**ରେମୁଣା, ୨୫।୭(ଡି.ଏନ.ଏ.)**



ବାରଣ୍ଡାରେ ପଢୁଛନ୍ତି ପିଲା।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ପଡ୍ରିପାଳ ପଞ୍ଚାୟତ ହାତିଆଗଣ୍ଡ ଅଙ୍ଗନୱାଡ଼ି କେନ୍ଦ୍ରରେ ବର୍ଷେ ହେବ ତାଲା ଝୁଲୁଛି। କୋମଳମତି ଶିଶୁଙ୍କୁ ବାରଣ୍ଡାରେ ପାଠପଢା ଯାଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ସରକାରଙ୍କ ଆମ ଅଙ୍ଗନୱାଡ଼ି ଯୋଜନା ଏଠି ଫେଲ୍ ମାରିଛି। ବାରଣ୍ଡାରେ କୋମଳମତି ଶିଶୁଙ୍କ ଭବିଷ୍ୟତ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

୨୦ରୁ ଊର୍ଦ୍ଧ୍ୱ ପିଲା ଏହି କେନ୍ଦ୍ରରେ ଅଧ୍ୟୟନ କରନ୍ତି। କେନ୍ଦ୍ରରେ ତାଲା ପଡିଥିବାରୁ ଏବେ ଅଧାରୁ କମ୍ ପିଲା ପଢ଼ିବାକୁ ଆସୁଛନ୍ତି ବୋଲି ପଡ୍ରିପାଳ ସେକ୍ଟର ସୁପରଭାଇଜର ଚମ୍ପାରାଣୀ ମହାନ୍ତି କହିଛନ୍ତି। ପୁଷ୍ଟିସାର ଅଭାବ ପୂରଣ ପାଇଁ ସପ୍ତାହରେ ଦୁଇଦିନ ପିଲାଙ୍କୁ ଅଣ୍ଡା ପ୍ରଦାନ କରାଯିବା କଥା। ହେଲେ ସେମାନେ ଅଣ୍ଡା ପାଉନାହାନ୍ତି କି ଅନ୍ୟ ଖାଦ୍ୟ ମଧ୍ୟ ପାଉ ନ ଥିବା ଅଙ୍ଗନୱାଡ଼ି କର୍ମୀ ରୀତାଞ୍ଜଳି ଦାସ କହିଛନ୍ତି। କେନ୍ଦ୍ରରେ ତାଲା ଝୁଲୁଥିବା, ଦରମା ମିଳୁ ନ ଥିବା, ପିଲାଙ୍କୁ ଖାଦ୍ୟ ମିଳୁ ନ ଥିବା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେ କହିଛନ୍ତି। ଭାରପ୍ରାପ୍ତ ସିଡିପିଓ ସବିତା ରାଉତ କହିଛନ୍ତି ଯେ, ସହାୟିକା ନିଯୁକ୍ତି ନେଇ କେନ୍ଦ୍ରରେ ତାଲା ପକାଯାଇଛି। ପୂର୍ବତନ ସିଡ଼ିପିଓଙ୍କ ସମୟରେ ସେଠାରେ ସହାୟିକା ଭାବେ ଅନସୂୟା ଦାସଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାକୁ କିଛି ଲୋକ ବିରୋଧ କରି କେନ୍ଦ୍ରରେ ତାଲା ପକାଇଥିଲେ।

## ବାଲେଶ୍ୱର ଜିଲା ଫୁଟବଲ୍ ଲିଗ୍-୨୦୧୯
# ଉଦ୍‌ଘାଟନୀ ମ୍ୟାଚରେ ଷ୍ଟାର କ୍ଲବ ବିଜୟୀ

**ବାଲେଶ୍ୱର ଅଫିସ, ୨୫।୭**



ଚାଲିଥିବା ଫୁଟବଲ୍ ମ୍ୟାଚ୍।

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଗୁରୁବାର ଜିଲା ଫୁଟ୍‌ବଲ ଲିଗ୍-୨୦୧୯ ସ୍ଥାନୀୟ ପରମିଟ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଅମଲ ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ସୁବିର ସିଂ, ସହସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପସଭାପତି ହରମୋହନ ଦାସ ପ୍ରମୁଖ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଷ୍ଟାର କ୍ଲବ ଓ ଏସିଆର୍‌ପିଏଲ୍ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟାର କ୍ଲବ ୨୪-୦ ଗୋଲରେ ଏସିଆର୍‌ପିଏଲ୍ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଫୁଟ୍‌ବଲ ଲିଗ୍‌ରେ ୮ଟି ଦଳ ୨ଟି ଗ୍ରୁପ୍‌ରେ ୧୨ଟି ମ୍ୟାଚ୍ ଓ ସୁପରଲିଗ୍‌ରେ ୬ଟି ମ୍ୟାଚ୍ ମୋଟ୍ ୧୮ଟି ମ୍ୟାଚ୍ ବିଶିଷ୍ଟ ବୋଲି ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ପ୍ରକାଶ କରିଛନ୍ତି। ଶୁକ୍ରବାର କ୍ରୀଡ଼ା ଛାତ୍ରାବାସ ଓ ଗନରର୍ସ କ୍ଲବ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ।

# ଜିଲାପାଳଙ୍କ ଅଚାନକ ବସ୍ତା ବ୍ଲକ, ତହସିଲ ଗସ୍ତ

**ବସ୍ତା, ୨୫।୭(ସ୍ୱ.ପ୍ର.)**

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବାଲେଶ୍ୱର ଜିଲାପାଳ ଭାବେ କାର୍ଯ୍ୟରେ ଯୋଗଦେବା ପରେ ସେ ପ୍ରଥମଥର ପାଇଁ ବସ୍ତା ଗସ୍ତରେ ଆସିଥିଲେ। ଗୁରୁବାର ଅପରାହ୍ନରେ ସେ ବସ୍ତା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାଯ୍ୟର ତଦାରଖ କରିବା ସହ ବିଡିଓଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳ ବ୍ଲକରୁ ବସ୍ତା ତହସିଲ ପରିଦର୍ଶନରେ ଯାଇ କାର୍ଯ୍ୟ ତଦାରଖ କରିଥିଲେ।

# ବେଆଇନ ପଥର ଚାଲାଣ କରୁଥିବା ଟ୍ରକ୍ ଜବତ

**ସୋର, ୨୫।୭(ଡି.ଏନ.ଏ.)**

ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ବାଗୁଡି ପଥର ଖାଦାନରୁ ବେଆଇନ ଭାବେ ବାହାରକୁ ଚାଲାଣ ହେଉଥିବା ଡମ୍ପର ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି। ଗୁରୁବାର ସୋର-ବାଗୁଡି ରାସ୍ତାରେ ହୋଇଥିବା ଏହି ଚଢ଼ାଉରେ ମଙ୍ଗଳପୁର ସର୍କଲ ରାଜସ୍ୱ ନୀରିକ୍ଷକ ଶ୍ୟାମସୁନ୍ଦର ମାରାଣ୍ଡିଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଦୁଇଟି ଡମ୍ପରରେ ବୋଲ୍ଡର ବୋଝେଇ ହୋଇଥିବା ବେଳେ ୨ ଡ୍ରାଇଭରଙ୍କ ସହ ଟ୍ରକ୍‌କୁ ତହସିଲକୁ ଅଣାଯାଇଥିଲା। ଏହି ଦୁଇ ଗାଡିରେ ୬ କ୍ୟୁବିକ୍ ମିଟର ପଥର ବୋଝେଇ ହୋଇଥିଲା। ଉଭୟ ଗାଡିରୁ ୨୦ ହଜାର ୭୮୦ ଟଙ୍କା ଲେଖାଏ ମୋଟ୍ ୪୧, ୫୬୦ ଟଙ୍କା ଆଦାୟ କରାଯାଇଛି।

ସେହିପରି ରବିବାର ୩ଟି ଗାଡି ଜବତ କରାଯାଇ ସମୁଦାୟ ୫୪ ହଜାର ୫୬୦ ଟଙ୍କା ରୟାଲଟି ଓ ଜରିମାନା ଆଦାୟ କରାଯାଇଛି। ଗୁରୁବାର ସୋରର ଏକ କ୍ରଶରରୁ ବେଆଇନ ପଥର ଚାଲାଣ ଡମ୍ପର ଭୋଗରାଇ ଅଞ୍ଚଳକୁ ଯାଉଥିବା ବେଳେ ସ୍ଥାନୀୟ ତହସିଲଦାର ଚଢ଼ାଉ ବେଳେ ଅଟକ ରଖି ଜରିମାନା ଆଦାୟ କରିଛନ୍ତି। ଚଢ଼ାଉରେ ସୋର ଅଞ୍ଚଳର ଏକ କ୍ରଶର ନାମ ଥିବା ବେଳେ ତଦନ୍ତ ବେଳେ ତାହା ୫ବର୍ଷେ ତଳୁ ବନ୍ଦ ଥିବା ଜଣାପଡିଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଲଗାତର ଏହି ଚଢ଼ାଉ ହେଉଛି। ଚଳିତବର୍ଷ ଆରମ୍ଭର ୬ ମାସ ମଧ୍ୟରେ ସୋର ତହସିଲଦାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ଜାଲ୍ ଦସ୍ତଖତ ନେଇ ପାଟିତୁଣ୍ଡ
# ତଦନ୍ତ ଅଧାରୁ ବନ୍ଦ

**ଖଇରା, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଓସଙ୍ଗ ସେବା ସମବାୟ ସମିତିରେ ବୁଧବାର ତଦନ୍ତ ବେଳେ ପାଟିତୁଣ୍ଡ ଯୋଗୁ ତଦନ୍ତ ପ୍ରକ୍ରିୟା ଅଧାରୁ ବନ୍ଦ ରହିଛି। ୨୦୧୧ ଫେବୃୟାରୀ ୨ତାରିଖରେ ଉକ୍ତ ସମତିରେ କେତେକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏଭଳି ନିଯୁକ୍ତିକୁ ବେଆଇନ ଦର୍ଶାଇ ଉକ୍ତ ସମିତିର ସଭ୍ୟ ଚିତ୍ତରଞ୍ଜନ ଜେନାଙ୍କ ସମେତ ବହୁ ସଭ୍ୟ ଭଦ୍ରକ ସହକାରୀ ନିବନ୍ଧକଙ୍କୁ ଜୁନ୍ ୨୯ତାରିଖରେ ଲିଖିତ ଭାବେ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଥିଲେ। ନିଯୁକ୍ତ ପାଇଁ କୌଣସି ସରକାରୀ ବିଜ୍ଞାପନ କରାଯାଇ ନ ଥିବାର ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ସହକାରୀ ଉପନିବନ୍ଧକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ନିରୀକ୍ଷକ ଆଲୋକ ସାହାଣି ଓ ତାପସ ପାତ୍ର ଅଭିଯୋଗର ତଦନ୍ତ ପାଇଁ ଓସଙ୍ଗ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ ସହକାରୀ ନିବନ୍ଧକଙ୍କୁ ଦିଆଯାଇଥିବା ଅଭିଯୋଗ କାଗଜରେ ଦସ୍ତଖତ ଥିବା ସଭ୍ୟା ସଞ୍ଜୁଲତା କାଣ୍ଡିଙ୍କ ଦସ୍ତଖତକୁ ଜାଲ୍ କରାଯାଇଥିବା ଅଭିଯୋଗରେ ତାଙ୍କ ସ୍ୱାମୀ କାର୍ଯ୍ୟାଳୟରେ ପାଟିତୁଣ୍ଡ କରିବା ସହ ଏଭଳି ଦସ୍ତଖତ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଧମକ ଦେଇଥିଲେ। ଏଭଳି ପାଟିତୁଣ୍ଡ ମଧ୍ୟରେ ଅଧିକାରୀମାନେ ତଦନ୍ତ ଅଧାରୁ ଛାଡି ପଳାଇଯିବାକୁ ବାଧ ହୋଇଥିଲେ। ଏ ସମ୍ପର୍କରେ ସହକାରୀ ନିବନ୍ଧକ ସ୍ୱାତୀବାଳା ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ତଦନ୍ତ ଆଗକୁ ବି ଜାରି ରହିବ। ତଦନ୍ତ ଶେଷ ହେବା ପରେ ଅନିୟମିତତା କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିପଦସଙ୍କୁଳ ଘରେ ଚାଲିଛି ପାଠପଢ଼ା
## ଦିବାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଅସୁରକ୍ଷିତ

**ଭୋଗରାଇ, ୨୫।୭(ଡି.ଏନ.ଏ.)**

### ଛାତ୍ରୀଛାତ୍ରଙ୍କ ମୁଣ୍ଡ ଉପରେ ବିପଦ



ଦିବାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ପରିତ୍ୟକ୍ତ ହୋଇପଡିଛି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କରୁଆଡ଼ି ପଞ୍ଚାୟତ ଦକ୍ଷିଣ ନାଡ଼ବଣୀ ଗ୍ରାମରେ ଥିବା ଦିବାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ଅବସ୍ଥାରେ ଶ୍ରେଣୀଗୃହରେ ବସି ପାଠ ପଢୁଥିବା ବେଳେ ବାରଣ୍ଡାରେ ବସି ମଧ୍ୟାହ୍ନଭୋଜନ ଖାଉଛନ୍ତି। ସ୍କୁଲ ପରିସର ମଧ୍ୟ ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ରହିଛି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଭିତ୍ତିଭୂମି ସୁବିଧା ଅଭାବରୁ ବିଦ୍ୟାଳୟର ସ୍ଥିତି ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ୭ଟି ଶ୍ରେଣୀରେ ବର୍ତ୍ତମାନ ୩୨ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀଯାଏ ଜଣେ ପ୍ରଧାନଶିକ୍ଷକ ଓ ଅନ୍ୟଜଣେ ସହକାରୀ ଶିକ୍ଷୟିତ୍ରୀ ଅଛନ୍ତି। ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ନିର୍ଦ୍ଦିଷ୍ଟ ଶ୍ରେଣୀଗୃହ ନ ଥିବାରୁ ମଧ୍ୟାହ୍ନଭୋଜନ ଗୃହରେ ପିଲାଙ୍କୁ ବସାଇ ପାଠ ପଢାଯାଉଛି। ଅଫିସ ଗୃହକୁ ଲାଗି ରହିଥିବା ଗୋଟିଏ ଶ୍ରେଣୀଗୃହରେ ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ର ଏବଂ ଏହାଠାରୁ ଅଳ୍ପ ଦୂରରେ ଥିବା ଏକ ଶ୍ରେଣୀଗୃହରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଯେଉଁଦିନ ଜଣେ ଶିକ୍ଷକ ଛୁଟିରେ ରହୁଛନ୍ତି ସେଦିନ ୪ର୍ଥ ଓ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖିବା ପାଇଁ ସେମାନଙ୍କୁ ବାରଣ୍ଡାରେ ବସାଯାଉଛି। ଅଫିସ ଗୃହ ଓ ଶେଷ ମୁଣ୍ଡ ଶ୍ରେଣୀଗୃହ ମଧ୍ୟରେ ୪ଟି ବହୁ ପୁରୁଣା କୋଠା ରହିଛି। ସେଥିରୁ ଗୋଟିଏ ଗୃହ ଭଙ୍ଗା ଯାଉଥିବାବେଳେ ଆଉ ଗୋଟିଏ ଗୃହରେ ବିପଦସଙ୍କୁଳ ଭାବେ ମଧ୍ୟାହ୍ନଭୋଜନ ରୋଷେଇ କରାଯାଉଛି। ଏହି ୪ପୁରୁଣା ଗୃହର ବାରଣ୍ଡାରେ ବସି ଛାତ୍ରୀଛାତ୍ର ମଧ୍ୟହ୍ନଭୋଜନ ଖାଉଛନ୍ତି। ଅଫିସ ଗୃହ ଚଟାଣରୁ ପ୍ଲାଷ୍ଟର ଉଠି ଶୋଚନୀୟ ହୋଇପଡିଛି। ଅଧାଭଙ୍ଗା କାନ୍ଥ ଭାଙ୍ଗି ଦେବା ସକାଶେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପାଚେରି ନ ଥିବାରୁ ସ୍କୁଲ ପଛପଟେ ଥିବା ଏକ ପୋଖରୀ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସ୍କୁଲ ଖୋଲିବା ପୂର୍ବରୁ ଶ୍ରେଣୀଗୃହ ମରାମତି କରାଯାଇ ନ ଥିବାରୁ ଯଦି କିଛି ଅଘଟଣ ଘଟେ ତେବେ କିଏ ଦାୟୀ ରହିବେ ବୋଲି ଗ୍ରାମବାସୀ ଓ ଅଭିଭାବକ ପ୍ରଶ୍ନ କରିଛନ୍ତି। ଏନେଇ ପ୍ରଧାନଶିକ୍ଷକ କମଳାକାନ୍ତ ଜେନାଙ୍କୁ ପଚାରିବାରୁ କହିଛନ୍ତି, ବିଇଓ ନିଜେ ସ୍କୁଲ ପରିଦର୍ଶନରେ ଆସି ସମସ୍ୟା ଅନୁଧ୍ୟାନ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଜରିଆରେ ଅବଗତ କରାଇଛନ୍ତି। ବିଇଓ କାଳନ୍ଦୀ ସୋରେନ୍‌ଙ୍କୁ ପଚାରିବାରୁ ସ୍କୁଲ ଘର ନିର୍ମାଣ ଓ ମରାମତି ପାଇଁ ପଞ୍ଚାୟତିରାଜ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ଏବଂ ଏ ସମ୍ପର୍କରେ ସେ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ନିଶା ନିବାରଣ ସଚେତନତା ଶିବିର

**ବାଲେଶ୍ୱର ଅଫିସ, ୨୫।୭**

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ବାଲେଶ୍ୱର ଶାଖା ପକ୍ଷରୁ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ନିଶା ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମୀରା ପତି ନର୍ଭ ସିଷ୍ଟମ୍ ଉପରେ ନିଶାର କୁପ୍ରଭାବ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଯୋଗେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ୨ ଗୁରୁତର

ଆନନ୍ଦପୁର,୨୫। ୭(ସ୍ୱ.ପ୍ର.)-ଆନନ୍ଦପୁର ଉପଖଣ୍ଡରେ ଗୁରୁବାର ଲଘୁଚାପ ଜନିତ ବର୍ଷା ସାଙ୍ଗକୁ ବଜ୍ରପାତରେ ଦୁଇ ଜଣ ଗୁରୁତର ଆହତ ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆନନ୍ଦପୁର ଥାନା ଅକରୁଆ ଗ୍ରାମର ଅକ୍ଷୟ ଜେନା ନିଜ ଘର ବାରଣ୍ଡାରେ ବସିଥିବାବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ପରିବାର ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେହିପରି ଘସିପୁରା ଥାନା କୁମୁଡ ଗ୍ରାମର ଶରତ ନାୟକ ନିଜ ନିର୍ମାଣାଧୀନ ଇନ୍ଦିରା ଆବାସ ଘର ନିକଟରେ ଛିଡା ହୋଇଥିବାବେଳେ ଘରର ଗୋଟିଏ ପାର୍ଶ୍ୱ କାନ୍ଥ ତାଙ୍କ ଉପରେ ପଡିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ପକ୍ଷରୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳକୁ ସ୍ଥାନାନ୍ତର କରାଯାଇଛି।

### ଟ୍ରକ-କାର ମୁହାଁମୁହିଁ, ୨ ଗୁରୁତର

ଢେଙ୍କିକୋଟ, ୨୫।୭ (ଡି.ଏନ୍.ଏ.)- ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଢେଙ୍କିକୋଟ ଗ୍ରାମପଞ୍ଚାୟତ ବଜାରସ୍ଥିତ ଓଭରବ୍ରିଜ ଉପରେ ଗୁରୁବାର ଅପରାହ୍ନର ଏକ ଟ୍ରକ ସହିତ କାର ସାମ୍ନାସାମ୍ନି ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଟ୍ରକ ଭାରସାମ୍ୟ ହରାଇ କାରକୁ ସାମ୍ନାସାମ୍ନି ଧକ୍କା ଦେଇଥିଲା। ଫଳରେ କାରଟି ଭାଙ୍ଗିରୁଜି ଚୁରମାର ହୋଇଯାଇଥିବା ବେଳେ କାର ଭିତରେ ଥିବା ଡ୍ରାଇଭର ସିଂରାଇ ମାଝୀ, ରଣଜିତ ମହାନ୍ତ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା, କନଷ୍ଟେବଳ ମାନସ ରଞ୍ଜନ ରାଉତ, ସୁଶୀଲ ମହାନ୍ତ, ଏ.ପି.ଆର. ପୋଲିସ ଫୋର୍ସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଲୋକଙ୍କୁ ଉଦ୍ଧାର କରି ଏନ୍ଏଚଏଆଇ ଆମ୍ବୁଲାନ୍ସ ଯୋଗେ ଘଟଗାଁ ଡାକ୍ତରଖାନାକୁ ପଠାଇଛନ୍ତି। ପୋଲିସ ଡ୍ରାଇଭରକୁ ଧରି ଥାନାକୁ ନେଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ ଏବଂ କାରକୁ ଜବତ କରିଛି। ଏ ନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରାଯାଇଛି।

### ସ୍ୱାଧୀନତା ଦିବସରେ ସମ୍ମାନିତ ହେବେ କୃତୀ ପ୍ରତିଭା

ପାଟଣା,୨୫।୭(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ପୂର୍ବାହ୍ନରେ ବ୍ଲକ ସଭାଗୃହରେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସସମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସଙ୍କ ସଂଯୋଜନାରେ ପାଟଣା ବିଡିଓ ପ୍ରଫୁଲ କୁମାର ନାଏକ, ଥାନାଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ଏବିଇଓ ନରୋତ୍ତମ ସାହୁ, ବ୍ଲକ ବିତ୍ତ ଅଧିକାରୀ ଧନେଶ୍ୱର ନାଏକ, ସହକାରୀ ବନପାଳ ସ୍ୱରାଜ ପାତ୍ର ଓ ଯନ୍ତ୍ରୀ ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟାଳୟ ସ୍ଥିତ ସମସ୍ତ କାର୍ଯ୍ୟାଳୟର ବିଭାଗୀୟ ମୁଖ୍ୟଙ୍କ ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧକ୍ଷ ଓ ପ୍ରଧାନ ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା କୃତୀ ପତିଭା ଓ ବ୍ୟକ୍ତିଙ୍କୁ ପୁରସ୍କୃତ କରଯିବା ପାଇଁ ନିଷ୍ପତ୍ତି ନିଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାନ୍ତ୍ୱନା ଦାସ ସଂଯୋଜନା କରିଥିଲେ।

### କାର୍ଯ୍ୟର ମାସେ ନପୂରୁଣୁ ଭାଙ୍ଗିଲା ଡ୍ରେନ

ଚମ୍ପୁଆ,୨୫।୭(ଡି.ଏନ.ଏ.)-ଚମ୍ପୁଆ ବସଷ୍ଟାଣ୍ଡ ନିକଟରେ ଏନଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ ମାସେ ନପୁରୁଣ ଧସିଯାଇଥିବା ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚମ୍ପୁଆ ସବଜେଲ ଠାରୁ ନବନିର୍ମିତ ଆହାର କେନ୍ଦ୍ର ପର୍ଯ୍ୟନ୍ତ କିଛିଦନ ହେବ ବର୍ଷାଜଳ ନିଷ୍କାସନ ପାଇଁ ଚମ୍ପୁଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବିନା ସୂଚନା ଫଳକରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ନସରୁଣୁ ଅସରାଏ ବର୍ଷାରେ ଗତ ବୁଧବାର ସନ୍ଧ୍ୟାରେ ଡ୍ରେନଟିର ସମ୍ମୁଖ ଭାଗ ଭୁଶୁଡ଼ି ପଡିଛି। ସୂଚନା ଅନୁସାରେ ୩ଲକ୍ଷ ୮୫ହଜାର୮୮ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଡ୍ରେନଟି ନିର୍ମାଣାଧୀନ ରହିଛି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ମୁର୍ମୁଙ୍କୁ ପଚାରିବାରୁ ନୂଆମାଟି ପଡିଥିବାରୁ ଡ୍ରେନର ୮ରୁ ୯ଫୁଟ ଭାଙ୍ଗି ପଡିଛି। ତୁରନ୍ତ ଏହାର ମରାମତି କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଛି। ସୂଚନା ଯୋଗ୍ୟକି ଏନଏସିର ବହୁଉନ୍ନୟନ କାର୍ଯ୍ୟରେ ବିନା ସୂଚନା ଫଳକରେ କାର୍ଯ୍ୟ ହେଉଥିବାବେଳେ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟର ଉପଯୁକ୍ତ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି।

■ ସ୍ୱାସ୍ଥ୍ୟ କାର୍ଡ ପାଲଟିଛି ପ୍ରହସନ

# ନାମକୁମାତ୍ର କୃଷକ କଲ୍ୟାଣ ଯୋଜନା

ପାଟଣା,୨୫।୭(ସ୍ୱ.ପ୍ର.)-




ଜିଲା ମୁଖ୍ୟ ଚିକିତ୍ସାଳୟରେ ନାମକୁ ମାତ୍ର ଚାଲିଛି ହେଲ୍ପ ଡେସ୍କ।

■ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗରିବ ଲୋକ
■ ହେଲ୍ପ ଡେସ୍କରେ ଲୋକେ ହଟହଟା

କେନ୍ଦୁଝର ଜିଲା ପାଟଣା ବ୍ଲକ ସମେତ ଜିଲାର ସମସ୍ତ ବ୍ଲକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିପିଏଲ ବର୍ଗର ଲୋକଙ୍କୁ ଯୋଗାଇ ଦିଆଯାଇଥିବା ଆୟୁଷ୍ମାନ ଯୋଜନାର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଜାନୁୟାରୀ ୧ରୁ ବନ୍ଦ କରିଦିଆଯାଇଛି। ଓଡିଶା ସରକାରଙ୍କ ବିଜୁ କୃଷକ କଲ୍ୟାଣ ଯୋଜନାରେ ୨୦୧୩ ରେ ଯୋଗାଇ ଦିଆଯାଇଥିବା ଏସ(ଷ୍ଟ୍ରିମ)୨ କାର୍ଡରୁ ମଧ ଗରିବ ଲୋକେ ବିନା ମୂଲ୍ୟରେ କୌଣସି ସରକାରୀ ହେଲ୍ପ ଡେସ୍କରୁ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଫଳରେ ଗରିବ କୃଷକ ଲୋକ ଏହି ସ୍ୱାସ୍ଥ୍ୟ କାର୍ଡଧରି ଡାକ୍ତରଖାନାରୁ ବିନାମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇବାକୁ ଆସି ହଟହଟା ହେବା ସହ ନିରାଶ ହୋଇ ଫେରୁଛନ୍ତି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟସେବା ଯୋଜନା ଏବଂ ଓଡିଶା ସରକାରଙ୍କ ବିଜୁ କୃଷକ କଲ୍ୟାଣ ଯୋଜନା ପ୍ରହସନରେ ପରିଣତ ହୋଇଛି। ଦୈନିକ ଶହ ଶହ ରୋଗୀ ମାଗଣା ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାକୁ ସରକାରୀ ଡାକ୍ତରଖାନା ହେଲ୍ପ ଡେସ୍କ କେନ୍ଦ୍ରରେ ଧାଡି ଲଗାଇ ନିରାଶ ହୋଇ ଫେରୁଛନ୍ତି। ବିଜୁ କୃଷକ କଲ୍ୟାଣ ଏସ୨ କାର୍ଡ ଦ୍ୱାରା ବେସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା ଉପଲବ୍ଧ ହେଉଥିଲେ ହେଁ ଜିଲାର ଅର୍ଦ୍ଧାଧିକ ବ୍ଲକରେ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ। ଏଣୁ ଏହି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟସେବା ଯୋଜନାରୁ ବାର୍ଷିକ ୩୦ ହଜାର ଓ ବିଜୁକୃଷକ କଲ୍ୟାଣ ଯୋଜନାରୁ ବାର୍ଷିକ ୭୦ହଜାର ମୋଟ ୧ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଏଣୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୁନର୍ବାର ପ୍ରଚଳନ କରିବା ସହ ବିଜୁ କୃଷକ କଲ୍ୟାଣ ଯୋଜନାର ଏସ-୨ କାର୍ଡରେ ସରକାରୀ ଡାକ୍ତର ଖାନାରେ ପ୍ରଚଳନ କରିବାକୁ ଦାବି ହେଉଛି। ଏଣେ ବିଜୁ କୃଷକ କଲ୍ୟାଣ ଯୋଜନାର ଅବଧି ଜୁଲାଇ ୨୦୧୯ରେ ସରୁଥିବାରୁ ଏହି ଯୋଜନାର ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଛି। କେନ୍ଦୁଝର ଜିଲା ସ୍ୱାସ୍ଥ୍ୟ ସଂଯୋଜନା ଅଧିକାରୀ ପ୍ରତିଭା ପ୍ରିୟଦର୍ଶନୀଙ୍କ ସୂଚନା ମୁତାବକ ବିଜୁ କୃଷକ କଲ୍ୟାଣ ଯୋଜନାରେ ଉଭୟ ଷ୍ଟ୍ରିମ୧ ଓ ଷ୍ଟ୍ରିମ-୨ ଯୋଜନାରେ ୨ଲକ୍ଷ ୬୪ହଜାର ୩୪୬ଜଣ କାର୍ଡଧାରୀ ପଞ୍ଜୀକୃତ ହୋଇଥିବାବେଳେ ଏଥିମଧ୍ୟରୁ ୮୧ ହଜାର ୮୧୦ ଜଣ ଷ୍ଟ୍ରିମ ୧ ରେ ଅନ୍ତର୍ଭୁକ୍ତ ଥିବାବେଳେ ସର୍ବାଧିକ ୧ଲକ୍ଷ ୮୨ହଜାର ୫୨୬ଜଣ ଷ୍ଟ୍ରିମ ୨ରେ ଅଛନ୍ତି। ଏହି ଷ୍ଟ୍ରିମ ୨ର ଅନ୍ତର୍ଭୁକ୍ତ ହୋଇଥିବା ସଂଖ୍ୟାଧିକ ଗରିବ ଲୋକ ମାଗଣା ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣେ ନିରାମୟ ଯୋଜନାରେ ମାଗଣାରେ ଡାକ୍ତରଖାନା ଗୁଡିକରେ ସମସ୍ତ ପ୍ରକାର ଔଷଧ ଉପଲବ୍ଧ ହେଉନାହିଁ। ଏନେଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚୌଧୁରୀ ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ତାଙ୍କଠାରୁ କୌଣସି ସ୍ପଷ୍ଟ ଉତ୍ତର ମିଳିପାରିନାହିଁ।

# ମନ କିଣେ ବାବୁଲିଙ୍କ ଦହିବରା



ବାବୁଲି ସାହୁ।

କେନ୍ଦୁଝର, ୨୫।୭ (ଦୀପକ ମିଶ୍ର)- ଆଳୁଦମ ଦହିବରା ନାଁ ଶୁଣିଲେ ପାଟିରୁ ଲାଳ ଗଡ଼ିଆସେ। ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏହାକୁ ଖାଇବାକୁ ବେଶ ଭଲ ପାଆନ୍ତି। ଗୋଟିଏ ପ୍ଲେଟ ଖାଇଲେ ପେଟ ପୂରିଯାଏ। ଆଳୁଦମ ଦହିବରା ସାଙ୍ଗକୁ ଦହି ପାଣିର ସ୍ୱାଦ କହିଲେ ନ ସରେ। ଏହିଭଳି ଜଣେ ଦହିବରା ବେପାରୀ କେନ୍ଦୁଝର ସହରରେ ସମସ୍ତଙ୍କ ପ୍ରିୟ ହୋଇପାରିଛନ୍ତି। ଏତେ ସୁଆଦିଆ ତାଙ୍କ ଦହିବରା ଲୋକଙ୍କ ମନକୁ କିଣିଥାଏ ବୋଲି କେତେକ ଗ୍ରାହକ ପ୍ରକାଶ କରିଛନ୍ତି।

ତାଙ୍କ ନାମ ବସନ୍ତ ସାହୁ। ବାପାଙ୍କ ନାମ ସୁଦର୍ଶନ ସାହୁ। ତାଙ୍କ ଡାକ ନାମ ବାବୁଲି। ବାବୁଲି ନାମରେ ସେ ବେଶ ପରିଚିତ। ସକାଳ ୭ଟା ବାଜିଲେ ଜୁଡିସିଆଲ କୋର୍ଟ ସମ୍ମୁଖରେ ଏକ ଛତା ଲାଗେ ତା'ତଳେ ଏକ ଲୁନା ଆସି ଠିଆ ହୁଏ। ଆରମ୍ଭ ହୋଇଯାଏ ବାବୁଲିଙ୍କ ଦହିବରା ଆଳୁଦମ ବିକ୍ରି। ସେ ୧୧ବର୍ଷ ପୂର୍ବେ ସୁଦୁର ଚର୍ଚ୍ଚିକା ବାଙ୍କି ଅଞ୍ଚଳର କେନ୍ଦୁପଲ୍ଲୀ ଗ୍ରାମରୁ ଆସି କେନ୍ଦୁଝର ନରଣପୁରରେ ପରିବାର ସହ ରହି ଦହିବରା ଆଳୁଦମ ବେପାର କରୁଛନ୍ତି। ଘରେ ତାଙ୍କ ସହଧର୍ମିଣୀ ପ୍ରତିମା ଦହିବରା, ଆଳୁଦମ ଓ ଘୁଗୁନି ପ୍ରଭୃତି ପ୍ରସ୍ତୁତିରେ ସାହାଯ୍ୟ କରନ୍ତି। ତାଙ୍କର ୨ ପୁଅ ସ୍କୁଲରେ ପାଠ ପଢୁଛନ୍ତି। ଦହିବରା ଆଳୁଦମ ବିକ୍ରି କରି ବେଶ ଭଲ ରୋଜଗାର କରି ପରିବାର ଚଳାଉଥିବା ବାବୁଲି ପ୍ରକାଶ କରିଛନ୍ତି। ସକାଳ ୭ଟାରୁ ବିକ୍ରି ଆରମ୍ଭ କରି ୧୦ ଘଣ୍ଟିକା ମଧ୍ୟରେ ସବୁ ସରିଗଲା ପରେ ଘରକୁ ଫେରି ପୁଣି ତା' ପରଦିନ ପାଇଁ ପ୍ରସ୍ତୁତ ହୁଅନ୍ତି। ବହୁତ ଯୁବକ ଓ ଛାତ୍ର ତାଙ୍କର ନିୟମିତ ଗରାଖ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କଠାରୁ ଦହିବରା ଆଳୁଦମ ଖାଉଥିବା ଜଣେ ଗ୍ରାହକଙ୍କୁ ଏହାର ସ୍ୱାଦ ବାବଦରେ ପଚାରିବାରୁ ଦହିବରା ଓ ଆଳୁଦମର ସ୍ୱାଦ ଅନ୍ୟ ବ୍ୟବସାୟୀଙ୍କଠାରୁ ନିଶ୍ଚିତ ଭାବରେ ଭିନ୍ନ ଓ ନିଆରା ବୋଲି କହିଥିବାବେଳେ ସବୁଠାରୁ ବଡ କଥା ହେଲା ବାବୁଲିଙ୍କର ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ସେମାନଙ୍କୁ ଆକୃଷ୍ଟ କରିଥାଏ।

# ଥାନା ପରିସରରେ ମଦବିରୋଧୀ ମହିଳାଙ୍କ ଧାରଣା



ଥାନା ପରିସରରେ ମହିଳାମାନେ ପୋଲିସଙ୍କୁ ଘେରିଛନ୍ତି।

ଆନନ୍ଦପୁର,୨୫। ୭(ସ୍ୱ.ପ୍ର.)-

ମଦବିରୋଧୀ ଆନ୍ଦୋଳନକୁ ନେଇ ଆନନ୍ଦପୁର ଥାନା ଦଧିବାମନପୁରରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗିରହିଛି। ଆନନ୍ଦପୁର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏହା ଏବେ ଚରମ ସୀମାରେ ପହଞ୍ଚିଛି। ଗୁରୁବାର ଶତାଧିକ ମହିଳା ଆନନ୍ଦପୁର ଥାନା ପରିସରରେ ମଦ ବ୍ୟବସାୟୀଙ୍କୁ ଗିରଫ ଦାବି କରି ଧାରଣାରେ ବସିଛନ୍ତି। ମହିଳାମାନଙ୍କୁ ପୋଲିସ ଥାନା ପରିସରରୁ ବାହାରିଯିବାକୁ କହିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଶେଷରେ ମହିଳାମାନେ ମଦ ବ୍ୟବସାୟୀଙ୍କୁ ଗିରଫ ନ କରିବା ଯାଏ ଧାରଣାରେ ବସିବାକୁ ଜିଦ୍ ଧରିଥିଲେ। ଚଳିତ ମାସ ୧୩ ତାରିଖରେ ଦଧିବାମନପୁର ଗ୍ରାମରେ କେତେକ ବ୍ୟକ୍ତି ମଦ ବ୍ୟବସାୟ କରୁଥିବା ସମ୍ପର୍କରେ ଖବର ପାଇ ମଦବିରୋଧୀ ମହିଳା ସଂଘର ସଭାନେତ୍ରୀ ଜାନକୀ ଜେନା ଓ ସମ୍ପାଦକ ଲୀଳାବତୀ ପରିଡାଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହାକୁ ବିରୋଧ କରିଥିଲେ। ଏହି ଘଟଣାରେ ବ୍ୟବସାୟୀ ଜଣଙ୍କ ମହିଳାଙ୍କୁ ମାଡ ମାରିବା , ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଭଳି ଘଟଣା ଘଟିଥିଲା। ଯାହାକି ନେଇ ମହିଳାମାନେ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଆନନ୍ଦପୁର ପୋଲିସ ତଦନ୍ତ କରିବା ପରିବର୍ତ୍ତେ ଚୁପ୍ ହୋଇବସିଥିବା ମହିଳାମାନେ ଅଭିଯୋଗ କରିଥିଲେ।

## ବିଳମ୍ବରେ ମିଳିଲା ୨ମାସର ଦରମା

ହାଟଡିହି, ୨୫।୭(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହି ବ୍ଲକର ଜୁନିୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଗତ ୨ମାସର ଦରମା ଏକକାଳୀନ ମିଳିଛି। ବିଳମ୍ବିତ ଦରମା ପ୍ରଦାନକୁ ନେଇ ୨୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ୧୬ ତାରିଖରେ ବିଇଓ ଅଫିସ ଫାଟକରେ ତାଲା ପକାଇଥିଲେ। ଜୁନିୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ୯୨୦୦ ଟଙ୍କା ଓ ଶିକ୍ଷା ସହାୟକମାନଙ୍କୁ ୭୪୦୦ ଟଙ୍କା ମାସିକ ଦରମା ମିଳିଥାଏ । ମୋଟ ୨୯୯ ସ୍କୁଲର ୩୦୪ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସେମାନଙ୍କ ଏପ୍ରିଲ ଓ ମେ' ମାସର ଦରମା ଜୁଲାଇ ୧୭ ତାରିଖରେ ପ୍ରଦାନ କରାଯାଇଛି। ଏହି ଦରମା ଟଙ୍କା ସରକାରଙ୍କ ତରଫରୁ ଗତ ୮ ତାରିଖରେ ବିଇଓ ଓ ବିଆରସିଙ୍କ ଯୁଗ୍ମ ବ୍ୟାଙ୍କ ପାସ୍‌ବହିରେ ଜମା ହୋଇଥିଲା । ହେଲେ ଟଙ୍କା ଜମାହେବାର ୮ ଦିନ ବିଳମ୍ବରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। ସେଥିଲାଗି ଶିକ୍ଷୟିତ୍ରୀଶିକ୍ଷକ ଅଫିସ ଫାଟକରେ ତାଲା ପକାଇଥିଲେ। ଏ ସମ୍ପର୍କରେ ବିଇଓ ଶରତ ରାଉତ କହିଛନ୍ତି ଯେ, ପୂର୍ବରୁ ଥିବା ବିଆରସିସି ତପୋଧନ ସ୍ୱାଇଁଙ୍କର ବଦଳି ହୋଇଯାଇଥିଲା। ପରେ ନୂତନ ବିଆରସିସି ଭାବେ କାର୍ଯ୍ୟ ତୁଲାଇବା ପାଇଁ ବିନୋଦ ରାଉତଙ୍କ ନାମ ଜୁଲାଇ ୧୬ ତାରିଖରେ ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କଲେ। ଏଣୁ ୧୭ ତାରିଖରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଦରମା ପ୍ରଦାନ କରାଯାଇଥିଲା ବୋଲି ବିଇଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅଫିସ ଫାଟକରେ ତାଲା ପକାଇବା ଘଟଣା ଅତି ନିନ୍ଦନୀୟ ବୋଲି କହିବା ସହ ବିଇଓ ରାଉତ ଅସନ୍ତୋଷ ବ୍ୟକ୍ତ କରିଥିଲେ । ହଠାତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଏପରି ତାଲା ପକାଇବା ବାବଦରେ ପୂର୍ବରୁ ଆମକୁ କୌଣସି ଲିଖିତ ଭାବେ ଜଣାଇ ନ ଥିଲେ।

## ଖାଲଖମାରେ ଭର୍ତ୍ତି ଗ୍ରାମ ରାସ୍ତା

ଝୁମ୍ପୁରା ୨୫।୭ (ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅନ୍ତର୍ଗତ କାଶିପୁର ଗ୍ରାମ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ବିପଦ ସଙ୍କୁଳ ହୋଇ ପଡିଥିବା ଯୋଗୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲଖମାରେ ପାଣି ଭର୍ତ୍ତି ହେବା ସହିତ କାଦୁଅ ପଚ ପଚ ହେଉଥିବା ଯୋଗୁ କାଶିପୁର ଗାଁ ଲୋକଙ୍କ ବ୍ୟତୀତ ଅନ୍ୟ ଗାଁ ଲୋକେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ ବନ୍ଦ କରି ଦେଇଛନ୍ତି। ଦୀର୍ଘ ବର୍ଷ ଧରି ରାସ୍ତା ନିର୍ମାଣ ଓ ମରାମତି ପାଇଁ ଦାବି ହେଉଥିଲେ ମଧ ପଦକ୍ଷେପ ନିଆଯାଉ ନ ଥିବା କାଶିପୁର ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା ଏବଂ ଝୁମ୍ପୁରା ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ ସାମଲଙ୍କୁ ପଚାରିବାରୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଦେଓଗାଁରେ ଅପହରଣ, ବାଲ୍ୟବିବାହ ଘଟଣା

# ବାଲ୍ୟବିବାହ ନିରୋଧ ଅଧିକାରୀଙ୍କ ଥାନାରେ ଅଭିଯୋଗ

ଆନନ୍ଦପୁର,୨୫।୭(ସ୍ୱ.ପ୍ର.)

ବାଲ୍ୟବିବାହ ଘଟଣା ଆନନ୍ଦପୁର ଅଞ୍ଚଳରେ ବୃଦ୍ଧି ପାଉଥିବାବେଳେ ପ୍ରଶାସନିକ ସ୍ଥାଣୁତା ଉଦ୍‌ବେଗର କାରଣ ପାଲଟିଛି। ଘସିପୁରା ବ୍ଲକ ଦେଓଗାଁଠାରେ ଚଳିତ ମାସ ୧୮ ତାରିଖରେ ଏକ ବାଲ୍ୟବିବାହ ଘଟଣା ଦୃଷ୍ଟିକୁ ଆସିଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତତ୍ପରତା ଦେଖାଦେଇଥିଲା। ଘଟଣାଟି ୮ ତାରିଖରେ ଘଟିଥିଲେ ସୁଦ୍ଧା ସ୍ଥାନୀୟ ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନ ଥିଲା। ତେବେ ଘଟଣା ପ୍ରଘଟ ହେବା ପରେ ଘସିପୁରା ବାଲ୍ୟବିବାହ ନିରୋଧ ଅଧିକାରୀ ଚଳିତ ମାସ ୧୯ ତାରିଖରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ ଅପହରଣର ଶିକାର ହୋଇଥିବା ନାବାଳିକାଙ୍କ ପରିବାରବର୍ଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଏ ନେଇ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଅଭିଯୋଗ ହୋଇଥିବା କଥା ଘସିପୁରା ଥାନା ଅଧିକାରୀ ସ୍ୱୀକାର କରିଛନ୍ତି। ବାଲ୍ୟବିବାହ ଅଧିକାରୀ ସତ୍ୟଭାମା ସେଠୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଖବରପାଇ ଦେଓଗାଁ ଗସ୍ତ କରି ଆମେ ଉଭୟ ପରିବାରକୁ ଭେଟିଥିଲୁ । ଉଭୟ ପରିବାର ଏହି ଘଟଣାରେ ନିଜର ସମ୍ମତି ପ୍ରକାଶ କରିଥିବାବେଳେ କାର୍ଯ୍ୟାନୁଷ୍ଠାନ ଭୟରେ ଉଭୟ ନାବାଳିକା ଓ ନାବାଳକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଛନ୍ତି। ସେହିପରି ଘସିପୁରା ଥାନା ଅଧିକାରୀ ବିରଞ୍ଚି ବାଗ କହିଛନ୍ତି ଯେ, ସେ ଛୁଟିରେ ଥିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

# ବଢ଼ି ଚାଲିଛି ଗୋଠଛଡା ଦନ୍ତାର ଉତ୍ପାତ

ଝୁମ୍ପୁରା, ୨୫।୭ (ଡି.ଏନ.ଏ.)

■ ଘର ଭାଙ୍ଗୁଛି, ଫସଲ ଉଜାଡୁଛି
■ ବନ ବିଭାଗ ନାକେଦମ



ବଢି ଚାଲିଛି ଗୋଠଛଡା ଦନ୍ତା ହାତୀର ଉତ୍ପାତ। ଘର ଭାଙ୍ଗିବା, ଫସଲ ଉଜାଡିବା ସହିତ ମଣିଷଙ୍କୁ ଆକ୍ରମଣ କରିବା ଘଟଣା ପ୍ରତ୍ୟେହ ଘଟୁଛି। ଏ ନେଇ ଭୂୟାଁ ଜୁଆଙ୍ଗ ପୀଢ ଏବଂ ଚମ୍ପୁଆ ରେଞ୍ଜରେ ରହିଥିବା ବନାଞ୍ଚଳ ପାର୍ଶ୍ୱବର୍ତ୍ତୀ ଗ୍ରାମ ବାସିନ୍ଦା ଆତଙ୍କିତ ରହୁଛନ୍ତି। ରାତ୍ର ସମୟରେ ଜଙ୍ଗଲ ପାର୍ଶ୍ୱ ଗ୍ରାମ ଗୁଡିକରେ ଲୋକେ ରାତି ଅନିଦ୍ରାରେ ସମୟ ବିତାଉଛନ୍ତି। କେତେବେଳେ, କେଉଁ ସମୟରେ ଗୋଠଛଡା ଦନ୍ତା ପହଞ୍ଚିଯିବ କହିହେବ ନାହିଁ। ଘର ଭିତରେ ଶୋଇଥିଲେ ମଧ ପରିବାର ସଦସ୍ୟଙ୍କ ନିଦ ହଜିଯାଉଛି। ଭୂୟାଁ ଜୁଆଙ୍ଗପୀଢ ରେଞ୍ଜର ଫୁଲଝର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମରେ ଗୋଠଛଡା ଦନ୍ତା ବୁଧବାର ପୁଣି ଘର ଭାଙ୍ଗିଛି। କେବଳ କେନ୍ଦୁଘାଟି ଗ୍ରାମରେ ଚଳିତ ବର୍ଷ ଗୋଠାଛଡା ଦନ୍ତା ଆକ୍ରମଣରେ ୮ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା, ବହୁ ଏକର ଫସଲ ଉଜାଡିବା ସହିତ ଜଣେ ଗ୍ରାମ ବାସିନ୍ଦା ମୃତ୍ୟୁମୁଖରେ ପଡିଛନ୍ତି। ସୂଚନା ଅନୁଯାୟୀ ଚମ୍ପୁଆ, ବାଲିବନ୍ଧ, ବାମେବାରୀ, ଯୋଡା, ବାଂଶପାଳ ବନପାଳ ମାନଙ୍କ ନିୟନ୍ତ୍ରଣରେ ରହିଥିବା ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ଖେସରା ଜଙ୍ଗଲ, ଡିଏଲସି ଫରେଷ୍ଟ ଅଞ୍ଚଳରେ ୩ଟି ଗୋଠଛଡା ଦନ୍ତା ହାତୀ ଘୁରି ବୁଲୁଛନ୍ତି। ଏହି ୩ଟି ହାତୀ ବିଗତ ୨ରୁ ୩ ବର୍ଷ ହେବ ଗୋଠରୁ ଅଲଗା ହୋଇଛନ୍ତି। ତେବେ ବିଗତ ବର୍ଷ ଗୁଡିକ ଅପେକ୍ଷା ଚଳିତ ବର୍ଷରେ ଗୋଠଛଡା ଦନ୍ତା ଗୁଡିକଙ୍କର ଉତ୍ପାତ ବଢି ଚାଲିଛି। ଭୂୟାଁଜୁଆଙ୍ଗ ପୀଢ଼ରେ ଏବଂ ବାମେବାରୀ ବନାଂଚଳରେ ରହିଥିବା ୨ଟି ଗୋଠଛଡା ଦନ୍ତାର ଉତ୍ପାତ ସୀମା ଟପିଲାଣି। ବନ ବିଭାଗର ସୂଚନା ଅନୁଯାୟୀ ବିଗତ ୩ବର୍ଷରେ ଗୋଠ ଛଡା ଦନ୍ତା ଆକ୍ରମଣରେ ୮ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ, ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଶତାଧିକ ଘର ଭାଙ୍ଗିଛି ଏବଂ ବାଡ଼ି ବଗିଚା ଫସଲ ଉଜାଡିଛି।

ହାତୀର ଗତିବିଧି ଉପରେ ନଜର ରଖିବା ଏବଂ ଯେତେ ଦୂର ସମ୍ଭବ ଗୋଠଛଡା ଦନ୍ତା ହାତୀମାନଙ୍କୁ ଜଙ୍ଗଲକୁ ଘଉଡାଇବା ପାଇଁ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ, ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ ନିଜ ଟିମ ସହିତ ଗୋଠଛଡା ଦନ୍ତା ପଛରେ ଗୋଡାଇ ଚାଲିଛନ୍ତି। ତଥାପି ଦନ୍ତା ମାନଙ୍କୁ ଆୟତ କରାଯାଇ ପାରୁନାହିଁ। ଏସମ୍ପର୍କରେ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀଙ୍କୁ ପଚାରିବାରୁ ଏହାର ସମାଧାନ ପାଇଁ ପ୍ରୟାସ ଜାରୀ ରହିଛି ବୋଲି କହିଛନ୍ତି।

## ଦିନରେ ଜଙ୍ଗଲ, ସନ୍ଧ୍ୟାରେ ଜନବସତିମୁହାଁ

କେନ୍ଦୁଝର,୨୫।୭ (ସ୍ୱ.ପ୍ର.)

କେନ୍ଦୁଝର ବନଖଣ୍ଡରେ ହାତୀ ଉପଦ୍ରବ ଦିନକୁ ଦିନ ସଙ୍ଗୀନ ହେଉଛି। ଚଳିତ ବର୍ଷ ହାତୀ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ଏନେଇ ପ୍ରତିକାର ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ବହୁ ଧନଜୀବନ ହାନୀ ଘଟିବ । ଏଥିପାଇଁ ବନ ବିଭାଗ ଚିନ୍ତାରେ ରହିଥିବା ବେଳେ ଲୋକ ମାନେ ଭୟ ଓ ଆତଙ୍କ ମଧ୍ୟରେ ରହିଛନ୍ତି। କେନ୍ଦୁଝର ବନଖଣ୍ଡରେ ଏବେ ବିଭିନ୍ନ ବନାଞ୍ଚଳ ଜଙ୍ଗଲରେ ୧୫୦ ହାତୀ ବିଭିନ୍ନ ଦଳରେ ରହି ଚଳପ୍ରଚଳ କରୁଛନ୍ତି। ଦିନରେ ଜଙ୍ଗଲରେ ରହୁଛନ୍ତି ଏବଂ ସନ୍ଧ୍ୟା ହେଲେ ଖାଦ୍ୟ ପାଇଁ ଜନବସତି ମୁହାଁ ହେଉଛନ୍ତି। ତେବେ ସବୁଠାରୁ ଅଧିକ ଉତ୍ପାତ ଗୋଠ ଛଡା ହାତୀ କରୁଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ବନଖଣ୍ଡରେ ସମୁଦାୟ ୪/୫ ଟି ଗୋଠରୁ ଅଲଗା ହୋଇ ଦନ୍ତା ହାତୀ ବୁଲୁଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ଉପଦ୍ରବ କରୁଛନ୍ତି। ଗୋଟିଏ ହାତୀ ସବୁ ଲୋକଙ୍କୁ ମାରୁନାହିଁ। ବିଭିନ୍ନ ସ୍ଥାନରେ ବୁଲୁଥିବା ଅଲଗା ଅଲଗା ଗୋଠରୁ ଅଲଗା ହୋଇ ବୁଲୁଥିବା ଦନ୍ତା ହାତୀ ଆକ୍ରମଣ କରି ଲୋକ ମାରୁଛି ବୋଲି ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି। ଏଣୁ ସେମାନଙ୍କୁ ଘଉଡାଇ ପୁଣି ଦଳରେ ସାମିଲ କରିବାକୁ ଉଦ୍ୟମ କରାଯାଉଛି ବୋଲି ଯୋଶୀ କହିଛନ୍ତି। ଏହି ଦନ୍ତା ହାତୀ ଘରେ ଥିବା ଚାଉଳ, ହାଣ୍ଡିଆ ଏବଂ ପାଚିଲା ପଣସ ଦ୍ୱାରା ଆକୃଷ୍ଟ ହୋଇ ଘର ଭାଙ୍ଗୁଛନ୍ତି। ଏଣୁ ଏନେଇ ତୁରନ୍ତ ପ୍ରତିକାର କରାନଗଲେ ମଣିଷ ଓ ହାତୀ ମଧ୍ୟରେ ବୃଦ୍ଧି ପାଉଥିବା ତିକ୍ତତା ଗୁରୁତର ହୋଇ ହାତୀ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ବୋଲି ମତ ପ୍ରକାଶ ପାଉଛି ।

## ସେନା କର୍ମଚାରୀଙ୍କ ପରଲୋକ

ଚମ୍ପୁଆ,୨୫।୭(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ପଞ୍ଚାୟତର ଗମ୍ଭାରିଆ ବରାବାଡିଆ ସାହିର ଭାରତୀୟ ସେନାବାହିନୀରେ କାର୍ଯ୍ୟ କରୁଥିବା ରାଜେନ୍ଦ୍ର କୁମାର ମହାନ୍ତଙ୍କ ଗତ ମଙ୍ଗଳବାର କୋଲକତାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ କ୍ୟାନସର ଜନିତ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ରାଜେନ୍ଦ୍ର ସେନା ବାହିନୀରେ କମ୍ପାନୀ ହାବିଲଦାର ମେଜର ଭାବେ କାର୍ଯ୍ୟରତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ହୋଇଥିଲା। ସେ ୧୮ ବର୍ଷଧରି ସେନା ବାହିନୀରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ତାଙ୍କ ମରଶରୀର ପହଞ୍ଚିବା ପରେ ଚମ୍ପୁଆ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପ୍ରଶାସନ ପକ୍ଷରୁ ସମାଜ ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେନା କର୍ମଚାରୀଙ୍କ ପକ୍ଷରୁ ଜୁନିୟର କମିସନ ଅଫିସର ଅମ୍ଳାନ ସରକାର ଓ ହାବିଲଦାର ତାପସ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ଜାଣିବାପରେ ଗାଁରେ ଶୋକର ଛାୟା ଖେଳିଯାଇଥିଲା।